# ODM PUBLIC SCHOOL

DATE :
SESSION : 11
CLASS : v
SUBJECT : (ଓଡିଆ)
CHAPTER NUMBER:03
CHAPTER NAME : ଶୁଖିଲା ପତ୍ରର କଥା
SUBTOPIC :ବହି ପ୍ରଶ୍ନଉତ୍ତର

CHANGING YOUR TOMORROW

# LEARNING OBJECTIVE

ବିଷୟବସ୍ତୁ ଆଧାରରେ ଲବ୍ଧଜ୍ଞାନ ପରୀକ୍ଷା ।

Edit with WPS Office

# ପ୍ରଶ୍ନ୧-ଆସ କଥାବାର୍ତ୍ତା ହେବା ।

(କ) ପୂର୍ବ କାଳରେ ଶିଷ୍ୟମାନେ ଅଧ୍ୟୟନ ପାଇଁ କେଉଁ ସ୍ଥାନକୁ ଯାଉଥିଲେ ?
(ଖ) ପାଠପଢା ବ୍ୟତୀତ ଶିଷ୍ୟମାନେ ଆଶ୍ରମରେ ଆଉ କେଉଁ କେଉଁ କାର୍ଯ୍ୟ କରୁଥିଲେ ?
(ଗ) ପାଠପଢା ସରିବା ପରେ ଦୁଇ ଶିଷ୍ୟ ଗୁରୁଙ୍କୁ କ'ଣ ଜଣାଇଲେ ?
(ଘ) କେଉଁ ଜିନିଷ ଦକ୍ଷିଣା ରୂପେ ଦେବା ପାଇଁ ଗୁରୁ ଶିଷ୍ୟଙ୍କୁ କହିଥିଲେ ?
(ଙ) ଗୁରୁ ଦକ୍ଷିଣା ରୂପେ ଏପରି ଜିନିଷ ମାଗିବାର କାରଣ କ'ଣ ଥିଲା ?

Edit with WPS Office

ODM EDUCATIONAL GROUP
Changing your Tomorrow

# ଉତ୍ତର

(କ) ପୂର୍ବ କାଳରେ ଶିଷ୍ୟମାନେ ଅଧ୍ୟୟନ ପାଇଁ ଗୁରୁକୁଳ ଆଶ୍ରମକୁ ଯାଉଥିଲେ ।
(ଖ)ପାଠପଢା ବ୍ୟତୀତ ଶିଷ୍ୟମାନେ ଆଶ୍ରମରେ ହୋମ ପାଇଁ ସମିଧ ସଂଗ୍ରହ, ଗାଈଗୋରୁଙ୍କୁଚରାଇବା,ଆଶ୍ରମବାସୀଙ୍କ ପାଇଁ ଫଳମୂଳ ସଂଗ୍ରହ କରିବା ଆଦି କାର୍ଯ୍ୟ କରୁଥିଲେ।
(ଗ)ପାଠପଢା ସରିବା ପରେ ଦୁଇ ଶିଷ୍ୟ ଗୁରୁଙ୍କୁ ଗୁରୁଦକ୍ଷିଣା ଦେବା ପାଇଁ ଜଣାଇଲେ ।
(ଘ) ଅନ୍ୟ କାହାର ଦରକାରରେ ଆସୁ ନ ଥିବା କେତୋଟି ଶୁଖିଲାପତ୍ର ଦକ୍ଷିଣା ରୂପେ ଦେବା ପାଇଁ ଗୁରୁ ଶିଷ୍ୟଙ୍କୁ କହିଥିଲେ ।
(ଙ) ଜ୍ଞାନଚକ୍ଷୁ ଖୋଲିବା ନିମନ୍ତେ ଗୁରୁ ଏପରି ଜିନିଷ ମାଗିବାର କାରଣ ଥିଲା ।

Edit with WPS Office

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ୨-ଉତ୍ତର ଲେଖିବା ।

(କ) ବୁଢୀଟି ଶୁଖିଲାପତ୍ର ନେଇ କ'ଣ କରିବ ବୋଲି କହିଥିଲା ?
(ଖ) ଶୁଖିଲାପତ୍ରକୁ କିପରି ବ୍ୟବହାର କରିବ ବୋଲି ଲୋକଟି ଉତ୍ତର ଦେଲା ?
(ଗ) ଶୁଖିଲାପତ୍ର ଔଷଧରେ ପରିଣତ ହେବ ବୋଲି ଶିଷ୍ୟ ଦୁହେଁ ଜାଣିପାରିଲେ କିପରି ?
(ଘ) ମାଆ ପାଇଁ କିପରି ଔଷଧ କିଣିପାରିବ ବୋଲି ଝିଅଟି କହିଲା ?
(ଙ) ପକ୍ଷୀଟି ଶୁଖିଲାପତ୍ର ନେଇ କ'ଣ କଲା ? (ଚ) ଶୁଖିଲାପତ୍ରକୁ ପିମ୍ପୁଡି କିପରି ବ୍ୟବହାର କରୁଥିବାର ଶିଷ୍ୟ ଦୁହେଁ ଦେଖିଲେ ?

Edit with WPS Office

ODM EDUCATIONAL GROUP
Changing your Tomorrow

# ଉତ୍ତର

୨-(କ) ବୁଢୀଟି ଶୁଖିଲାପତ୍ର ନେଇ ଜାଳ କରି ଖୁଦ ମୁଠେ ଜାଉ କରି ଖାଇବ ବୋଲି କହିଲା ।
(ଖ)ଶୁଖିଲାପତ୍ରକୁ ଜାଳି ପାଉଁଶର ସାର କରି କ୍ଷେତରେ ଦେବ ବୋଲି ଲୋକଟି ଉତ୍ତର ଦେଲା ।
(ଗ)ସେ ଲୋକଟି ଯେତେବେଳେ କହିଲା,ଶୁଖିଲାପତ୍ରକୁ ଗୁଣ୍ଡ କରି ପାଣିରେ ଫୁଟାଇ ପିଇଲେ ଜ୍ବର ଭଲ ହୁଏ,ସେତେବେଳେ ଶିଷ୍ୟ ଦୁହେଁ ଶୁଖିଲାପତ୍ର ଔଷଧରେ ପରିଣତ ହେବ ବୋଲି ଜାଣିଲେ ।
(ଘ)ଶୁଖିଲାପତ୍ରକୁ ଖଲି ଓ ଠୋଲା କରି ତାକୁ ବିକ୍ରି କରି,ସେହି ପଇସାରେ ମାଆ ପାଇଁ ଔଷଧ କିଣି ପାରିବ ବୋଲି ଝିଅଟି କହିଲା ।
(ଙ)ପକ୍ଷୀଟି ଶୁଖିଲାପତ୍ରକୁ ନେଇ ବସା ତିଆରି କଲା ।
(ଚ)ଶୁଖିଲାପତ୍ରକୁ ପିମ୍ପୁଡିମାନେ ଆଶ୍ରା କରି ଖାଦ୍ୟକଣିକା ଧରି ପାଣିନାଳର ଏପାରି ରୁ ସେପାରିକୁ ଯାଉଥିବା ଶିଷ୍ୟ ଦୁହେଁ ଦେଖିଲେ ।

Edit with WPS Office

# ଗୃହକର୍ମ

ପ୍ରଶ୍ନ ଉତ୍ତର ଖାତାରେ କର ଓ ମନେ ରଖ।

Edit with WPS Office

# LEARNING OUTCOME:

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office